ଭଦ୍ରକ, ଗୁରୁବାର, ୨୨, ମାର୍ଚ୍ଚ, ୨୦୧୮

ଯଦି ଆପଣ ଗରିବ ଘରେ ଜନ୍ମ ହୋଇଛନ୍ତି
ତେବେ ତାହା ଆପଣଙ୍କ ଭୁଲ ନୁହଁ
ଯଦି ଗରିବ ହୋଇ ଆପଣଙ୍କର ମୃତ୍ୟୁ ହେଲା
ତେବେ ତାହା ଆପଣଙ୍କ ଭୁଲ

ସକାଳ

ଖଣିଜ ଧାତୁ ହୀରା

ହୀରା ମନୁଷ୍ୟ ସମାଜକୁ ହଜାର ହଜାର ବର୍ଷ ଧରି ବି ମୋହିତ କରି ମାନବ ସଭ୍ୟତାର ପ୍ରଗତି ପଥରେ ଏକ ଅତୁଳନୀୟ ଭୂମିକା ଗ୍ରହଣ କରିଆସିଛି । ଏହାକୁ ପ୍ରକୃତିର ଏକ ଦୁର୍ଲଭ ଉପହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ଏକ ଆଲୌକିକ ଏବଂ ସର୍ବୋତ୍କୃଷ୍ଟ ଉଜ୍ଜ୍ୱଳ ବସ୍ତୁ ରୂପେ ପ୍ରାୟ ସମସ୍ତେ ଜାଣନ୍ତି । ସାଂପ୍ରତିକ କାଳରେ ହୀରାର ଉପଯୋଗ ମୂଲ୍ୟବାନ୍ ରତ୍ନପଥର ବ୍ୟତୀତ ବ୍ୟୋମଯାନ, ସ୍ୱୟଂଚାଳିତ ବାହନ, କୋରଡ୍ରିଲିଂ ବା ଭୂରନ୍ଧ୍ରୀକରଣ, ସୂକ୍ଷ୍ମ ଯନ୍ତ୍ରପାତି, ଧାତବ ତାର ପ୍ରସ୍ତୁତି, ଆଲୋକିୟ କାଚ କ୍ୟାମେରା ଏବଂ ଅଣୁବୀକ୍ଷଣର ଲେନ୍‌ସ ବା ଯବକାଚ, ମୃଣ୍ମୟଶିଳ୍ପ ଏବଂ ଘଣ୍ଟା ଶିଳ୍ପରେ ବହୁଳ ଭାବରେ ହୋଇଥାଏ । ଚକ୍ଷୁ ବିଶେଷଜ୍ଞମାନଙ୍କ ଦ୍ୱାରା ଅସ୍ତ୍ରୋପ୍ରଚାର ପାଇଁ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତିରେ ହୀରା ବ୍ୟବହାର କରାଯାଏ । ଟେଲିଫୋନ୍ ଟ୍ରାନ୍‌ସ ମିଟରରେ ଉତ୍ତାପକୁ ଶୀତଳ କରିବା ପାଇଁ କ୍ଷୁଦ୍ରାକୃତି ହୀରା ବ୍ୟବହୃତ ହୁଏ ।

ହୀରାର ଅସାଧାରଣ ଶିତଳୀକରଣ ଶକ୍ତି, କାଠିନ୍ୟ ଏବଂ ଅନମନୀୟତା, ଆଲୋକଧାରଣ ଓ ବିକିରଣ କ୍ଷମତା ଥିବା ହେତୁ ଏହାକୁ ଅତ୍ୟାଧୁନିକ ଆଣବିକ ପରୀକ୍ଷା ଓ ମହାକାଶଯାନରେ ବ୍ୟବହାର କରାଯାଏ । ଅନେକଙ୍କର ଭ୍ରାନ୍ତ ଧାରଣା ରହିଛି ଯେ ହୀରା କୋଇଲାପଥର ଖଣିରୁ ପ୍ରାପ୍ତ ହୋଇଥାଏ । ଅବଶ୍ୟ କୋଇଲାପଥର ଓ ହୀରା ମଧ୍ୟରେ କେବଳ ଗୋଟିଏ ବସ୍ତୁ ହିଁ ସଂଶ୍ଲିଷ୍ଟ ଯାହାକି ହେଉଛି କାର୍ବନ ବା ଅଙ୍ଗାରକ । ଉଭୟ କାର୍ବନ ଦ୍ୱାରା ସଂରଚିତ ହୋଇଥିଲେ ମଧ୍ୟ ହୀରାର ପ୍ରାକୃତିକ ଉତ୍ପତ୍ତି କୋଇଲାଠାରୁ ସମ୍ପୂର୍ଣ୍ଣ ପୃଥକ । କୋଇଲା ପଥର ହେଉଛି ଏକ ଜୈବ ସୃଷ୍ଟ ସ୍ତରୀକୃତ ରୂପାନ୍ତରିତ ହୋଇଥିବାବେଳେ ହୀରା ହେଉଛି ଏକ ଶୁଦ୍ଧ କାର୍ବନ ବିଶିଷ୍ଟ ଆଗ୍ନେୟ ଖଣିଜ ବସ୍ତୁ । ଅନ୍ୟ ପକ୍ଷରେ କୋଇଲା ଜୈବିକ ପଦାର୍ଥରୁ ଉତ୍ପନ୍ନ ହୋଇଥିବା ସଙ୍ଗେ ସଙ୍ଗେ କୌଣସି ପ୍ରାକୃତିକ ଖଣିଜ ବସ୍ତୁ ପରିଭାଷାଯୁକ୍ତ ମଧ୍ୟ ନୁହେଁ । କିନ୍ତୁ ହୀରା ଏକ ବିଶେଷ ପ୍ରାକୃତିକ ଅଜୈବିକ ପଦ୍ଧତି ଦ୍ୱାରା ସୃଷ୍ଟ ନିଶ୍ଚିତ ନିର୍ଦ୍ଦିଷ୍ଟ ରାସାୟନିକ ସମଷ୍ଟି, ପାରମାଣବିକ ବନ୍ଧନ, ସ୍ଫଟିକୀଭବନ ଓ ଭୌତିକ ତଥା ଆଲୋକୀୟ ଗୁଣଧର୍ମ ସମ୍ପନ୍ନ ହୋଇଥାଏ ।

ହୀରାର ରାସାୟନିକ ସଂରଚନା କେବଳ ମୌଳିକ ପଦାର୍ଥ ଅଙ୍ଗାରକ ଦ୍ୱାରା ଗଠିତ । ଏହାର ଆଣବିକ ଗଠନ ହେଉଛି ହୋମୋପୋଲାର ବା ସମମେରୁଯୁକ୍ତ । ଏହା ଆମୂଳ ଚୂଳ ରୂପେ କେବଳ ମୌଳିକ ପଦାର୍ଥ କାର୍ବନ୍‌ର ସମଧ୍ରୁବୀ ବନ୍ଧନଶୈଳୀରେ ସଂରଚିତ । କାର୍ବନର ଅନ୍ୟ ଏକ ପ୍ରାକୃତିକ ଗଠନ ହେଉଛି ଗ୍ରାଫାଇଟ୍ । ସଂରଚନା ଏବଂ ଧର୍ମ ଦୃଷ୍ଟିରୁ ଏହି ଖଣିଜ ଦ୍ୱୟ ଅନ୍ୟ ଯେକୌଣସି ବହୁରୂପୀ ଯୁଗଳ ପଦାର୍ଥ ତୁଳନାରେ ସର୍ବୋଚ୍ଚ ବୈଶମ୍ୟ ପ୍ରଦର୍ଶନ କରିଥାଆନ୍ତି । ପ୍ରତ୍ୟେକ କାର୍ବନ ଅଣୁର ପାର୍ଶ୍ୱବର୍ତ୍ତୀ ଚାରିଗୋଟି କାର୍ବନ୍‌ଅଣୁ ସହ ଚତୁସ୍ତଳକୀୟ ସଂଯୋଗ କ୍ରମେ ହୀରା ସମଘନ ପଦ୍ଧତିରେ ସ୍ଫଟିକୀକୃତ ହୋଇଥାଏ । ନିବିଡ ତ୍ରିବିମୀୟ ସହଯୋଜ୍ୟ ବନ୍ଧନ ଇଲେକ୍ଟ୍ରନ୍ ଅଂଶ ଭାଗୀ ଦ୍ୱାରା ପ୍ରତ୍ୟେକ ପରମାଣୁର ବାହ୍ୟ ଇଲେକ୍ଟ୍ରନ୍ କୋଷ ସମ୍ପୂର୍ଣ୍ଣ କରୁଥିବାରୁ ଏହା ହୀରାକୁ ସର୍ବୋଚ୍ଚ କାଠିନ୍ୟ ପ୍ରଦାନ କରିପାରେ । ଅନ୍ୟ ପକ୍ଷରେ ଗ୍ରାଫାଇଟ୍ ଷଡଭୁଜାକାର ଏବଂ ଏଥିରେ କାର୍ବନ ପରମାଣୁଗୁଡିକ ଗ-ଅକ୍ଷ ଦିଗରେ ଯଥେଷ୍ଟ ବ୍ୟବଧାନ ରଖି ଫଳକ ଗୁଡିକରେ ପରସ୍ପର ସଂଯୁକ୍ତ ହୋଇଥିବା ହେତୁ ତାହା ସମ୍ପୂର୍ଣ୍ଣ ସହଜସାଧ ସମ୍ଭେଦର ବ୍ୟାଖ୍ୟା କରିବାକୁ ସମର୍ଥ ।

ହୀରାର ଲାଟିସ୍ ବା ପାରମାଣବିକ ଜାଲିକା ହେଉଛି ସମଘନୀୟ । ଏହାର ସ୍ଫଟିକ ଅଷ୍ଟତଳ । କିନ୍ତୁ ଦ୍ୱାଦଶତଳ, ସମଘନ କିମ୍ବା ଚତୁସ୍ତଳକୀୟ ରୂପ ମଧ୍ୟ ବିରଳ ନୁହେଁ । ସ୍ଫଟିକର ଅଷ୍ଟଫଳକୀ ହେଉଛି ସମାନ୍ତର ସମ୍ଭେଦକ୍ଷମ । ଏଥିରେ ୪ ଗୋଟି ସମ୍ଭେଦ ପାର୍ଶ୍ୱ ରହିଥାଏ । କୌଣସି ତୀକ୍ଷ୍ଣ ଛୁରୀ ଦ୍ୱାରା ସାମାନ୍ୟ ଆଘାତ କଲେ ତନ୍ମଧ୍ୟରେ ସମ୍ଭେଦଚ୍ୟୁତି ଘଟେ ଏବଂ ହୀରା ସହଜରେ ବିଭାଜିତ ହୋଇଥାଏ । ଏହା ହେଉଛି ଏକ ସର୍ବକଠିନ ପ୍ରାକୃତିକ ବସ୍ତୁ, ଯାହାକୁ ମୋହଃଙ୍କ କାଠିନ୍ୟମାନଦଣ୍ଡରେ ୧୦ ମ ବା ଶୀର୍ଷ ସ୍ଥାନରେ ରଖାଯାଇଛି । କିନ୍ତୁ ଏହି ମାପଦଣ୍ଡର ନବମ ସ୍ଥାନରେ ରହିଥିବା 'କରଣ୍ଡମ୍' ଖଣିଜ ଠାରୁ ଏହା ପ୍ରାୟ ୧୫୦ ଗୁଣ ଏବଂ ୭ମ ସ୍ଥାନରେ ରହିଥିବା 'କ୍ୱାର୍ଜ' ଖଣିଜ ତୁଳନାରେ ପ୍ରାୟ ୧୦୦୦ ଗୁଣ ଅଧିକ କଠିନ । ଅନ୍ୟ ପକ୍ଷରେ ହୀରାର ଅନ୍ୟତମ ଯୁଗଳ ଖଣିଜ ଗ୍ରାଫାଇଟ୍‌ର କାଠିନ୍ୟ ମାତ୍ର ୧ରୁ ୨ ମଧ୍ୟରେ ଯାହାଠାରୁ ହୀରାର କାଠିନ୍ୟ ଲକ୍ଷାଧିକ ଗୁଣ ଅଧିକ । ହୀରାର ବର୍ତ୍ତନାଙ୍କ ହେଉଛି ୨. ୪୧୭ରୁ ୨.୪୬୫ । ଏହି ବର୍ତ୍ତନାଙ୍କ ନାଲି ବର୍ଣ୍ଣର ହୀରାରେ ୨. ୪୦୨, ପୀତ ହୀରାରେ ୨.୪୧୫ ଏବଂ ସବୁଜ ହୀରାରେ ହେଉଛି ୨. ୪୨୭ । ଏହା ଉପରେ ଅମ୍ଳର ପ୍ରଭାବ ଆଦୌ ପଡେ ନାହିଁ ଏବଂ ଏହାର ସାନ୍ଦ୍ରତା ହେଉଛି ୩.୪ରୁ ୩.୫୬ ମଧ୍ୟରେ । ହୀରା ମଧ୍ୟ ଦେଇ ରଞ୍ଜନରଶ୍ମି ସହଜରେ ଗତି କରିପାରେ । ତେଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇଥାଏ । ହୀରା ଏକ ଉତ୍ତାପ ସୁପରିବାହୀ ହୋଇଥିବା ବେଳେ, ଅଧିକାଂଶ ହୀରା ବିଦ୍ୟୁତ୍ ରୋଧକ ହୋଇଥାଆନ୍ତି । ଅତିବାଇଗଣୀ ରଶ୍ମିରେ ଏହା ପ୍ରାୟତଃ ନୀଳ କିମ୍ବା ବେଳେବେଳେ ହଳଦିଆ ଏବଂ ସବୁଜ ରଙ୍ଗ ପ୍ରଦର୍ଶନ କରିଥାଏ । ଏହି କାରଣରୁ ଉକ୍ତ ରଶ୍ମି ସହାୟତାରେ ଏକାଧିକ ରତ୍ନହୀରାକୁ ନେଇ ପ୍ରସ୍ତୁତ କରାଯାଇଥିବା ବୃହତ୍ତର ଆକାର ବିଶିଷ୍ଟ ଛଦ୍ମ ହୀରାକୁ ସହଜରେ ଚିହ୍ନଟ କରାଯାଇପାରେ । ହୀରା ନାଲି, ସବୁଜ ଏବଂ ନୀଳ ଆଦି ବର୍ଣ୍ଣର ହୋଇଥିଲେ ମଧ୍ୟ ସଚରାଚର ରୂପେ ଏହା ବର୍ଣ୍ଣହୀନ ବାଇଷତ୍ ପୀତ ବର୍ଣ୍ଣର ହୋଇଥାଏ । ବର୍ଣ୍ଣହୀନ ହୀରାର ବିକ୍ଷେପଣ କ୍ଷମତା ହେଉଛି ଅଧିକ । ତେଣୁ ଏହା ହେଉଛି ଶୁଭ୍ର ରଙ୍ଗର । ଆଲୋକ ତାହା ମଧ୍ୟଦେଇ ଗତି କଲେ ଇନ୍ଦ୍ରଧନୁର ବର୍ଣ୍ଣାଳୀ ସୃଷ୍ଟି ହୋଇଥାଏ । ଏହାକୁ ହୀରାର 'କାନ୍ତି' କୁହାଯାଏ । ବହୁ କୋଟି ବର୍ଷ ପୂର୍ବେ ଭୂ ଗର୍ଭର ପ୍ରାୟ ୧୫୦-୩୦୦ କିଲୋମିଟର ଗଭୀରତାରେ ହୀରାର ଉତ୍ପତ୍ତି ହୋଇଥାଏ । ଅଧିକାଂଶ ହୀରା ଭୂଗର୍ଭରୁ ଭୂପୃଷ୍ଠକୁ ପହଞ୍ଚିବା ପୂର୍ବରୁ ପ୍ରଥମେ ଭୂପୃଷ୍ଠରେ ଅନ୍ତତଃ ପ୍ରାୟ ୧୦୦ କିଲୋମିଟର ଗଭୀରତାରେ ବହୁ କାଳ ଧରି ରହିଯାଏ । ଏଗୁଡିକୁ ଭୂପୃଷ୍ଠକୁ ଆସି ପହଞ୍ଚିବାକୁ ନିୟୁତ -ନିୟୁତ ବର୍ଷ ଲାଗିଯାଏ । ଭୂଅଭ୍ୟନ୍ତର ମଧ୍ୟରୁ ଉତ୍ପନ୍ନ 'ମାଗ୍ମା' ସହ ହୀରା ଆଗ୍ନେୟଗିରି ଉଦ୍‌ଗୀରଣ କାଳରେ ଭୂପୃଷ୍ଠରେ ଆସି କ୍ଷୁଦ୍ର ଆଗ୍ନେୟ ପାଇପ୍ ଡାଇକ୍ ଓ ସିଲ୍ ରୂପେ ପହଞ୍ଚିଥାଏ । ଉକ୍ତ ତରଳ ମାଗ୍ମା କ୍ରମେ ଶୀତଳ ହୋଇ କଠିନାବସ୍ଥାକୁ ଆସିଲେ ତାହା କୃଷ୍ଣ ବର୍ଣ୍ଣର ଆଗ୍ନେୟଶିଳାରେ ପରିଣତ ହୋଇଥାଏ, ଯାହାକୁ 'କିମ୍ବର୍ଲାଇଟ୍' କୁହାଯାଏ । ଏହି ଶିଳାର ଭିତ୍ତି ରାଶି ଓ ପରାସ୍ଫଟିକ ରୂପେ ମୁଖ୍ୟତଃ ଓଲିଭିନ୍ ରହିଥିବା ବେଳେ ଅନ୍ୟାନ୍ୟ ବସ୍ତୁ ସ୍ୱଳ୍ପ ପରିମାଣରେ ରହିଥାଆନ୍ତି ।ଏଥି ମଧ୍ୟରୁ ହୀରା ଅନ୍ୟାନ୍ୟ ବୈଶିଷ୍ଟମୟ ସାଥୀ ସହଚର ଖଣିଜପଦାର୍ଥ ଯଥା ଇଲ୍ମୋନାଇଟ୍ ପାଇରୋପ୍ ଗାର୍ଣ୍ଣେଟ୍, କ୍ରୋମ ଡାୟୋସ୍ୱାଇଡ, ଫ୍ଲୋଗୋପାଇଟ୍ ଏବଂ ଜିର୍‌କନ ଇତ୍ୟାଦି ସହିତ ଅବସ୍ଥାନ କରିଥାଏ । ଏଣୁ କିମ୍ବର୍ଲାଇଟ୍‌କୁ ହୀରାର ଜନକଶିଳା କିମ୍ବା ତାର ମୁଖ୍ୟ ଦୁର୍ଗ ରୂପେ ବିବେଚନା କରାଯାଏ । କିମ୍ବର୍ଲାଇଟ୍ ଓ ଲାମ୍ପ୍ରୋଏଟ୍ ଆଦି ଶିଳାଗୁଡିକରୁ ପ୍ରାଥମିକ ହୀରା ପ୍ରାପ୍ତ ହେଉଥିଲେ ମଧ୍ୟ ତନ୍ମଧ୍ୟରେ ହୀରାର ସ୍ଫଟିକୀକରଣ ହୋଇନଥାଏ । ଉକ୍ତ ଶିଳାଗୁଡିକ କେବଳ ଭୂଗର୍ଭରୁ ହୀରାକୁ ବାହକ ରୂପେ ବହନ କରିଆଣି ଭୂପୃଷ୍ଠରେ ପହଞ୍ଚାଇବାରେ ସହାୟକ ହୋଇ ଥାଆନ୍ତି । କିମ୍ବର୍ଲାଇଟ୍ ହେଉଛି ଏକ କ୍ଷୟ ପ୍ରବଣ ଶିଳା, ତେଣୁ ଏହା କୌଣସି ଗୋଟିଏ ସ୍ଥାନରେ ପର୍ବତାକୃତି ଧାରଣ କରି ରହିପାରେ ନାହିଁ । ଅନ୍ୟ ପକ୍ଷରେ ଏହା ଏକ ଗର୍ତ୍ତ ସଦୃଶ ଭୂମିରୂପ ଗଠନ କରିଥାଏ । କିମ୍ବର୍ଲାଇଟ୍‌ର ପରିସୀମା ଦୃଷ୍ଟିରୁ ଏହାକୁ ଏକ ବିରଳ ଶିଳା ରୂପେ ବିବେଚନା କରାଯାଏ ।

କେଶ

କେଶ ବୃଦ୍ଧି :- ସାଧାରଣ ଭାବେ କେଶ ବୃଦ୍ଧି ପକ୍ରିୟା ୨ରୁ ୬ ବର୍ଷ ମଧ୍ୟରେ ତୁଳନା କରାଯାଇଥାଏ । ତେବେ ପ୍ରତ୍ୟେକ ମାସରେ କେଶ ଏକ ଡେ.ସେମି. ବୃଦ୍ଧି ପାଇଥାଏ । ମୁଣ୍ଡରେ ରହିଥିବା କେଶର ହାରାହାରି ୯୦ ପ୍ରତିଶତ କେଶ ବୃଦ୍ଧି ଏକା ସଙ୍ଗରେ ହେଲାବେଳେ ବଳକା ୧୦ ପ୍ରତିଶତ କେଶ କ୍ରମାନ୍ୱୟରେ ବଢ଼ିଥାଏ । କେଶଝଡ଼ିବାକୁ କେଶ ବୃଦ୍ଧି ପକ୍ରିୟାର ଏକ ଅଂଶ ବୋଲି ବିବେଚନା କରାଯାଇଥାଏ । ଆବଶ୍ୟକ ଠାରୁ ମାତ୍ରାଧିକ କେଶଝଡ଼ିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଥାଏ । କେଶଉପୁଡ଼ିବା କେବଳ ମହିଳା କାହିଁକି ଶିଶୁ ଓ ବୟସ୍କ ସଭିଙ୍କ ଠାରେ ଦେଖାଯାଇଥାଏ । ଯାହା ସେମାନଙ୍କୁ ଚିନ୍ତାରେ ପକାଇ ଦେଇଥାଏ । କେଶ ଝଡ଼ିବାର କାରଣ:- କେଶଝଡ଼ିବାର ଅନେକଗୁଡ଼ିଏ କାରଣ ରହିଛି । ତେବେ ଦୀର୍ଘଦିନର ଅସୁସ୍ଥତା କେଶଝଡ଼ିବାର ଏକ ପ୍ରମୁଖ କାରଣ । ଏପରିକି ତିନିରୁ ଚାରି ମାସଧରି ରୋଗରେ ପୀଡ଼ିତା ମହିଳାଙ୍କର ଅଧିକ କେଶ ଝଡ଼ିଥାଏ । ଶରୀରରେ ଥିବା ହରମୋନ୍ ଜନିତ ସମସ୍ୟା କେଶଝଡ଼ିବାର ଅନ୍ୟ ଏକ କାରଣ । ଶରୀରରେ ଥିବା ଥାଇରଡ଼ ଗ୍ରନ୍ଥି ଯଦି ଆବଶ୍ୟକତାଠାରୁ ଅଧିକ କିମ୍ବା କମ୍ ସକ୍ରିୟ ହୋଇଥାଏ ତେବେ କେଶଝଡ଼ିବା ଏକ ସ୍ୱଭାବିକ ଘଟଣା । ଏହି ହରମୋନ ମାତ୍ରାକୁ ସଠିକ୍ ସ୍ତରରେ ରଖାଯାଇପାରିଲେ କେଶଝଡିବାକୁ ନିୟନ୍ତ୍ରଣ କରିହେବ । ଉଭୟ ପୁରୁଷ ଓ ମହିଳାଙ୍କ ଠାରେ ରହିଥିବା ଆଣ୍ଡ୍ରୋଜେନ୍ ଏବଂ ଇଷ୍ଟ୍ରୋଜେନ୍ ନାମକ ହରମୋନ ଗୁଡିକରେ ସନ୍ତୁଳନ ନଥିଲେ ତାହା ଠିକ୍ କରାଗଲା ପରେ କେଶଝଡ଼ିବା ବନ୍ଦ ହୋଇଯାଇଥାଏ । କହିବାକୁ ଗଲେ ସୁସ୍ଥ କେଶ ମହିଳାଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ସନ୍ତାନ ପ୍ରସବ କରିବାର ୩ ମାସ ଅବଧି ମଧ୍ୟରେ ମହିଳାଙ୍କ କେଶଝଡ଼ିବା ଏକ ସାଧାରଣ ଘଟଣା । ଏପରି ହେବାର ମୂଳକାରଣ ହେଉଛି ଶରୀରରେ ଥିବା ହରମୋନ୍‌ର ମାତ୍ରା । ଗର୍ଭବତୀ ସମୟରେ ମହିଳାଙ୍କଠାରେ କେତେଗୋଟି ହର୍‌ମୋନ୍ ସୃଷ୍ଟି ହୋଇଥାଏ । ସନ୍ତାନ ପ୍ରସବ ପରବର୍ତ୍ତୀ ସମୟରେ ଏହି ହରମୋନ୍ କ୍ଷରଣ ହେବା ସଂପୂର୍ଣ୍ଣ ବନ୍ଦ ହୋଇଯାଏ । ଏପରି ହେବାଦ୍ୱାରା ହରମୋନ୍‌ରେ ଅସନ୍ତୁଳନତା ଦେଖାଯାଇଥାଏ । ପରବର୍ତ୍ତୀ ସମୟରେ କେଶଝଡ଼ିବାପରି ସମସ୍ୟା ସାମନାକୁ ଆସିଥାଏ । କେଶଝଡ଼ିବା ପରେ ପୂର୍ବପରି ଜନ୍ମିବା ମଧ୍ୟ ଆରମ୍ଭ କରେ । କେତେକ ଔଷଧ ମଧ୍ୟ କେଶଝଡ଼ିବାର କାରଣ ସାଜିଥାଏ । କର୍କଟ ରୋଗ ପାଇଁ ବ୍ୟବହାରଯୋଗ୍ୟ ଔଷଧ, ଅତ୍ୟଧିକ ପରିମାଣର ଭିଟାମିନ୍ 'ଏ' , ଗର୍ଭ ନିରୋଧକ ବଟିକା ଆଦି ବ୍ୟବହାର କଲେ ଏପରି ପରିସ୍ଥିତି ମଧ୍ୟ ସୃଷ୍ଟି ହୁଏ । ମଧୁମେହ ରୋଗ ବା କୃଷ୍ଟରୋଗ ହୋଇଥିବା ମହିଳାଙ୍କ କେଶଉପୁଡିଥାଏ । ଯାହା ଏହି ରୋଗର ପ୍ରାଥମିକ ଲକ୍ଷଣ ବୋଲି ଧରାଯାଇଥାଏ । ଏପରି ଲକ୍ଷଣ ଦେଖିବା ମାତ୍ରେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ସଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ନେଲେ କେଶଝଡ଼ିବା ସମସ୍ୟା ଓ ରୋଗ ଉଭୟରୁ ରକ୍ଷା ମିଳିଥାଏ ।



ସ୍ମୃତି ଶକ୍ତି ବଢ଼ାଏ ଡିଏଚଏ



ମାଛ ରେ ମିଳଉଥିବା ଓମେଗା-୩ ଅର୍ଥାତ୍ ଡିଏଚଏ ସ୍ମୃତିଶକ୍ତି ବଢାଇବାରେ ସାହାଯ୍ୟକରିଥାଏ । ୟୁନିଭରିସଟି ଅଫ ଆଲବର୍ଟାର ବୈଜ୍ଞାନିକମାନେ କରିଥିବା ଏକ ଅଧ୍ୟୟନରୁ ଏହି କଥା ପ୍ରକାଶ କରିଛନ୍ତି । ବୈଜ୍ଞାନିକମାନେ ଏହି ଅଧ୍ୟୟନ ସମୟରେ ଲ୍ୟାବରେ ପଶୁମାନଙ୍କୁ ଡିଏଚଏ ଅଧିକ ଥିବା ଖାଦ୍ୟ ଖାଇବାକୁ ଦେଇଥିଲେ । ନିୟମିତ ସୁସ୍ଥ ଖାଦ୍ୟ ଖାଉଥିବା ପଶୁଙ୍କ ଅପେକ୍ଷା ଅଧିକ ଡିଏଚଏ ଯୁକ୍ତ ଖାଦ୍ୟ ଖାଉଥିବା ପଶୁଙ୍କର ସ୍ମୃତିଶକ୍ତି ଅଧିକ ଥିବାର ଅଧ୍ୟୟନ ସମୟରେ ଦେଖାଯାଇଥିଲା । ଡିଏଚଏ ଯୁକ୍ତ ଭୋଜନ ଗ୍ରହଣ କରୁଥିବା ପଶୁଙ୍କ ମସ୍ତିଷ୍କରେ ସ୍ମୃତିଶକ୍ତି ପାଇଁ ଦାୟୀ ମଧ୍ୟ ହିପୋକ୍ୟାମ୍ପସ ବଡ ଥିବାର ଦେଖାଯାଇଥିଲା । ଉଚ୍ଚ ଡିଏଚଏ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ସ୍ମୃତିଶକ୍ତି ବେଶ ଭଲ ହୋଇଥାଏ ବୋଲି ଏହି ଅଧ୍ୟୟନରେ କୁହାଯାଇଛି ।

ଉପକାରୀ ପାନମହୁରୀ

ପାନ ମହୁରି ଯେ କେବଳ ପାନର ମଧୁରତା ବଢାଇ ନ ଥାଏ , ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁ ଉପଯୋଗୀ

. ପାନମହୁରିରେ ଭିଟାମିନ ସି ଭରପୂର ମାତ୍ରା ଓ ଆବଶ୍ୟକ ଖଣିଜ ଯେପରି କ୍ୟାଲସିୟମ, ସୋଡିୟମ, ଫସରପସ , ଆଇରନ ଓ ପୋଟାସିୟମ ମଧ୍ୟ ରହିଛି ।

.ବିଭିନ୍ନ ପେଟରୋଗ ଯଥା ପେଟ କାମୁଡିବା, ବିନ୍ଧିବା, ଗ୍ୟାଷ୍ଟ୍ରିକ ପାଇଁ ଏହା ବହୁ ଉପାକରୀ ଔଷଧ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲଶ ଏହା ସ୍ମରଣଶକ୍ତି ବୃଦ୍ଧି କରେ, ଦୃଷ୍ଟିଶକ୍ତି ବଢାଏ, କାଶ କଫ ଦୂର କରେ ଓ କୋଲେଷ୍ଟ୍ରୋଲ ନିୟନ୍ତ୍ରଣ କରେ । ନିଜ କୋଲେଷ୍ଟ୍ରୋଲ ସ୍ତର ନିୟନ୍ତ୍ରୀତ କରିବାକୁ ଚାହୁଁଥିଲେ ପ୍ରତି ୩୦ ମିନିଟ ଅନ୍ତରରେ ଏକ ଚାମଚ ମହୁରୀ ଖାଆନ୍ତୁ ।

.ଶୁଖିଲା , ଭାଜ, କଂଚା ପାନମହୁରୀ ନିୟମିତ ମାତ୍ରାରେ ନିଅନ୍ତୁ । ଖାଇବା ପରେ ଏହାକୁ ଗ୍ରହଣ କରନ୍ତୁ । ଫଳସ୍ୱରୂପ ପାଚନଶକ୍ତି ଉନ୍ନତ ରହିବା ସହ ହାଲକା ମନେକରିବେ ।

. ଆଜମା ଓ କାଶ ପାଇଁ ମଧ୍ୟ ଏହା ବହୁ ଫଳପ୍ରଦ ।

.ଶିଶୁଙ୍କ ଅଧିକ ମାତ୍ରାରେ ପାନମହୁରୀ ଦିଅନ୍ତୁ ନାହିଁ ।

.ପାନମଈହୁରୀ ଗୁଣ୍ଡ ସହ ଚିନି ମିଶାଇ ନିୟମିତ ସେବନ କଲେ ହାତଗୋଡରୁ ଜ୍ୱଳନ ଦୂର ହୋଇଥାଏ । ଭୋଜନର ୧୦ ମିନିଟ ପରେ ଏହା ନେବା ଠିକ୍ ହେବ ।

କଫି ହୃଦୟକୁ ସୁସ୍ଥ ରଖେ

ଯଦି ଆପଣ କଫି ପିଉଛନ୍ତି ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ରହିଛି । ନିକଟରେ ହୋଇଥିବା ଏକ ଅଧୟନରୁ କଫି ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇ ନଥାଏ ବୋଲି ପ୍ରକାଶ ପାଇଛି । ଏହି ଅଧୟନରେ ନିୟମିତ ଛଅ କପ କଫି ପିଇବା ଦ୍ୱାରା ଏହା ଶରୀର ଉପରେ କୁପ୍ରଭାବ ପକାଇ ନଥାଏ ବୋଲି କୁହାଯାଇଛି । କଫି ପିଇବା ଅଭ୍ୟାସ ମହିଳାମାନଙ୍କୁ ହୃଦଘାତ ହେବା ଆଶଙ୍କାକୁ ଏକ ତୃତୀୟାଂଶ କମ୍ କରି ଦେଇଥାଏ । ଏହି ଅଧୟନରେ ୮୪ ହଜାର ମହିଳା ଓ ୪୧ ହଜାର ପୁରୁଷଙ୍କୁ ସାମିଲ କରାଯାଇଥିଲା । ଏହି ଲୋକମାନଙ୍କର ସ୍ୱାସ୍ଥ୍ୟ ଉପରେ ୨୦ ବର୍ଷ ଧରି ନଜର ରଖାଯାଇଥିଲା । ଏହି ଅଧୟନରେ ନିୟମିତ ଦୁଇରୁ ତିନି କପ କଫି ପିଉଥିବା ମହିଳାମାନଙ୍କ ତୁଳନାରେ ଆଦୌ କଫି ପିଉ ନଥିବା ମହିଳା ୨୫ ପ୍ରତିଶତ ଅଧିକ ହୃଦଘାତରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । 'ଦ ଡେଲି ଟେଲିଗ୍ରାଫ'ରେ ମିଳିଥିବା ଏକ ରିପୋର୍ଟ ଅନୁଯାୟୀ ନିୟମିତ ତିନି କପ କଫି ପିଉଥିବା ପୁରୁଷମାନଙ୍କ କ୍ଷେତ୍ରରେ କର୍କଟ ରୋଗ କିମ୍ବା ହୃଦଘାତରେ ଆକ୍ରାନ୍ତ ହେବା ସମ୍ଭାବନା କମିଯାଇଥାଏ ।

ପଶୁପତିନାଥ ମନ୍ଦିର

ଶୈବ ମନ୍ଦିର ମଧ୍ୟରେ ଅନ୍ୟତମ ପ୍ରସିଦ୍ଧ ହେଉଛି ନେପାଳରେ ଥିବା ପଶୁପତିନାଥ ମନ୍ଦିର । କାଠମାଣ୍ଡୁର ପୂର୍ବାଞ୍ଚଳରେ ବାଗମତୀ ନଦୀ କୂଳରେ ଏହା ଅବସ୍ଥିତ । ଏଠାରେ ଭଗବାନ ପଶୁପତିନାଥ ପୂଜା ପାଆନ୍ତି । ସମଗ୍ର ଭାରତୀୟ ଉପମହାଦେଶରେ ଥିବା ଶିବଙ୍କର ୨୭୫ ପବିତ୍ର ଆବାସସ୍ଥଳୀ ମଧ୍ୟରୁ ଏହା ଅନ୍ୟତମ । ଅତୀତରେ କେବଳ ହିନ୍ଦୁମାନଙ୍କୁ ଏହି ମନ୍ଦିରରେ ପ୍ରବେଶ ଅନୁମତିମିଳୁଥଲା । ଅନ୍ୟମାନେ ବାହାରେ ଥାଇ ଦର୍ଶନ କରୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଏହି ନୀତିରେ ପରିବର୍ତ୍ତନ କରାଯାଇଥିଲା । ଭଗବାନ ରୁଦ୍ରଙ୍କର ଯଦି ଆଶୀର୍ବାଦ ଥିବ ତେବେ ଜଣେ ଶ୍ରଦ୍ଧାଳୁ ଯେତେ ବାଧାବିଘ୍ନ ହେଲେ ମଧ୍ୟ ଠାକୁର ଦର୍ଶନ କରିପାରିବେ ବୋଲି ବିଶ୍ୱାସ ରହିଛି । ପଶୁପତିନାଥ ମନ୍ଦିର ହେଉଛି କାଠକମାଣ୍ଡୁରେ ରହିଥିବା ସବୁଠାରୁ ପ୍ରାଚୀନ ହିନ୍ଦୁ ମନ୍ଦିର । ତେବେ ଏହି ମନ୍ଦିର ପ୍ରକୃତରେ କେବେ ନିର୍ମାଣ କରାଯାଇଥିଲା ତାହାର ସ୍ପଷ୍ଟଚିତ୍ର ମିଳିନାହିଁ । କିନ୍ତୁ ଏହା ୪୦୦ ଖ୍ରୀଷ୍ଟାବ୍ଦରୁ ରହିଆସିଛି । ମନ୍ଦିରର ଆଳଙ୍କରଣ ଏଂବ ପବିତ୍ର ଲିଙ୍ଗ ହିଁ ଏହି ମନ୍ଦିରର ସୌନ୍ଦର୍ଯ୍ୟ ଓ ଲୋକପ୍ରିୟତା ବୃଦ୍ଧି କରିପାରିଛି । କଳାପଥରରେ ଲିଙ୍ଗ ନିର୍ମିତ । ଏହାର ଉଚ୍ଚତା ୬ ଫୁଟ ହୋଇଥିବାବେଳେ ଗୋଲେଇ ମଧ୍ୟ ୬ଫୁଟ । ଅତୀତର ସେହି ମନ୍ଦିର ନଷ୍ଟ ହୋଇଯିବା ପରେ ୧୭ଶ ଖ୍ରୀଷ୍ଟାବ୍ଦରେ ରାଜା ଭୁପତୀନ୍ଦ୍ର ମଲ୍ଲ ଏହାର ସାନିର୍ମାଣ କରିଥିଲେ । ଏହା ଦୁଇ ମହଲା ବିଶିଷ୍ଟ । ସେଠାରେ ରାମ ମନ୍ଦିର ଓ ଗୁହେଶ୍ୱରୀ ମନ୍ଦିର ରହିଥିବା ପ୍ରାଚୀନ ପାଣ୍ଡୁଲିପିରୁ ଜଣାଯାଏ । କର୍ଣ୍ଣାଟକର ମୂଳ ପୁଜକ ଭଟ୍ଟ ବ୍ରାହ୍ମଣ ଏଠାରେ ଗତ ୩୫୦ ବର୍ଷ ଧରି ପୂଜାକରି ଆସୁଛନ୍ତି । ମନ୍ଦିରର ପୂଜକଙ୍କ ଭଟ୍ଟ ଏବଂ ମୁଖ୍ୟ ପୂଜକଙ୍କୁ ମୂଳଭଟ୍ଟ କୁହାଯାଇଥାଏ । ମୁଖ୍ୟ ପୂଜକ ନେପାଳର ରାଜାଙ୍କୁ ମନ୍ଦିର ସମ୍ପର୍କରେ ନିୟମିତ ଭାବେ ଜଣାଇଥାନ୍ତି ।ଏହି ମନ୍ଦିରର ଏକ ବିରଳ ପ୍ରଥା ରହିଛି ଯେ, ମାତ୍ର ୪ଜଣ ପୂଜାରୀ ଭଗବାନ ପଶୁପତିନାଥଙ୍କୁ ଛୁଇଁପାରନ୍ତି । ଏହି ପରମ୍ପରା ଆଦି ଶଙ୍କରାଚାର୍ଯ୍ୟଙ୍କ ଅମଳରୁ ପ୍ରଚଳିତ । କୁହାଯାଏ ଅତୀତରେ ଏଠାରେ ମଣିଷ ବଳି ଦିଆଯାଉଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାକୁ ବନ୍ଦ କରି ଦିଆଯାଇଥିଲା । ପ୍ରତିଦିନ ବହୁସଂଖ୍ୟକ ଶ୍ରଦ୍ଧାଳୁ ମନ୍ଦିର ପରିଦର୍ଶନରେ ଆସିଥାନ୍ତି ।

ରାଶିଫଳ

ମେଷ

ସମସ୍ତ ପ୍ରକାର ପରିବେଶକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ । ମାନସିକ ଶାନ୍ତିରେ ବ୍ୟାଘାତ ଘଟିପାରେ ଆର୍ଥିକ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଯିବ । କର୍ମ ତଥା ବ୍ୟବସାୟ କ୍ଷେତ୍ରରେ ଅଶାନ୍ତି ଦେଖାଯିବ । ମହିଳାମାନେ ଉପକୃତ ହେବେ । ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ତଥା ସରକାରୀ କ୍ଷେତ୍ରରେ ସମ୍ମାନିତ ହେବା ଅନୁମେୟ ।

ବୃଷ

ସାମାନ୍ୟ ଘଟଣା ବିବ୍ରତ କରିପାରେ । ଆର୍ଥିକ କ୍ଷତିର ଯଥେଷ୍ଟ ସମ୍ଭାବନା ଅଛି । ମାନସିକ କଷ୍ଟ ପାଇବେ । କର୍ମକ୍ଷେତ୍ର ତଥା ବ୍ୟବସାୟରେ ଯତ୍ନବାନ ହେବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ଅନ୍ୟର ସହଯୋଗ ପାଇପାରନ୍ତି । ସରକାରୀ ସାହାଯ୍ୟରେ ବିଦେଶ ଯାତ୍ରାର ସୁଯୋଗ ଅଛି ।

ମିଥୁନ

ପାରିବାରିକ ଅବସ୍ଥାରେ ସାମାନ୍ୟ ଉନ୍ନତି ସଙ୍ଗେ ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଯିବ । କର୍ମକ୍ଷେତ୍ର ତଥା ବ୍ୟବସାୟ କ୍ଷେତ୍ରରେ ଦୂରଯାତ୍ରା ଯୋଗ ଅଛି । ମହିଳାମାନେ ଅଯଥା ଅସମ୍ମାନିତ ହୋଇପାରନ୍ତି । ପରିଶ୍ରମ ତଥା ଦୃଢ ବିଶ୍ୱାସ ଦ୍ୱାରା କର୍ମକ୍ଷେତ୍ରରେ ସଫଳ ହେବେ ।

କର୍କଟ

ଅନ୍ୟର କଷ୍ଟକୁ ବୁଝିବାକୁ ଚେଷ୍ଟା କରନ୍ତୁ । ସ୍ୱାର୍ଥ ଲାଳାୟିତ ହୋଇ ସର୍ବନାଶ କରିନ୍ତୁ ନାହିଁ । କର୍ମକ୍ଷେତ୍ରରେ ଅପଜଶ ଶୁଣିପାରନ୍ତି । ବ୍ୟବସାୟ କ୍ଷେତ୍ରରେ ଜଗି ରଖି କାର୍ଯ୍ୟ କରନ୍ତୁ, ନଚେତ୍ ମାଲି ମୋକଦ୍ଦମାର ଭୟ ଅଛି । ପାରିବାରିକ କ୍ଷେତ୍ରରେ ଅଶାନ୍ତି ଦେଖାଯିବ । ମହିଳାମାନେ ଉଚ୍ଚତର କ୍ଷେତ୍ରରୁ ସମ୍ମାନିତ ହୋଇପାରନ୍ତି ।

ସିଂହ

ମାନସିକ ଦ୍ୱନ୍ଦରେ କଷ୍ଟ ଭୋଗି ପାରନ୍ତି । ଅସମ୍ମାନିତ ହେବାର ଆଶଙ୍କା ଅଛି । କର୍ମକ୍ଷେତ୍ର ତଥା ବ୍ୟବସାୟ କ୍ଷେତ୍ରରେ ବନ୍ଧୁ ସହଯୋଗ ପାଇବା ଆଶା ଅଛି । ଆର୍ଥିକ କ୍ଷତିର ସୂଚନା ମିଳେ । ମହିଳାମାନେ ଅଯଥା ଅଶାନ୍ତି ଭୋଗିବେ । ଛାତ୍ରଛାତ୍ରୀମାନେ ସାମାନ୍ୟ ଉପକୃତ ହେବେ ।

କନ୍ୟା

ନିଜର ଦୋଷ ଗୁଣକୁ ନିଜେ ବୁଝିବାକୁ ଚେଷ୍ଟାକରି ସୁଖୀ ହୁଅନ୍ତୁ । ନିଜର ସ୍ୱାଭିମାନକୁ ପରିତ୍ୟାଗ କରିବା ଉଚିତ୍ । କର୍ମ କ୍ଷେତ୍ରରେ ବା ବ୍ୟବସାୟ କ୍ଷେତ୍ରରେ ଆଦୌ ଧୈର୍ଯ୍ୟ ହରାନ୍ତୁ ନାହିଁ । ମହିଳାମାନେ କୌଣସି ଦୁର୍ଘଟଣାରେ ପଡିପାରନ୍ତି ।

ତୁଳା

ଏହି ଦିନଟି ଅପେକ୍ଷାକୃତ ଶୁଭଫଳ ଦେବ । ଆର୍ଥିକ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଯିବ । କର୍ମକ୍ଷେତ୍ର ତଥା ବ୍ୟବସାୟ କ୍ଷେତ୍ରରେ ଲାଭବାନ ହେବା ଆଶା କମ୍ । ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ହେବେ ନଚେତ୍ ବିପଦ ଦେଖାଯିବ । ଛାତ୍ରଛାତ୍ରୀମାନେ ଉପକୃତ ହେବେ ।

ବିଛା

ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖାଯିବ । କର୍ମକ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନ ଘଟିପାରେ । ଅଧିକ ପରିଶ୍ରମର ସୁଫଳ ପାଇପାରନ୍ତି । ମହିଳାମାନେ ନିଶ୍ଚିତରେ ଉପକୃତ ହେବେ । ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ଲାଭବାନ ହେବେ ।

ଧନୁ

ସାହାଯ୍ୟ ସହାନୁଭୂତି ପାଇବେ । ଆର୍ଥିକ ଅବସ୍ଥା ପ୍ରତି ଯଥେଷ୍ଟ ସତର୍କ ହେବା ଆବଶ୍ୟକ । ବନ୍ଧୁ, ଶତ୍ରୁ ରୂପେ ହଇରାଣ କରିପାରେ । କର୍ମକ୍ଷେତ୍ରରେ ତଥା ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ଲାଭ ଅଛି । ଛାତ୍ରଛାତ୍ରୀମାନେ ନୂତନ ନିଯୁକ୍ତି ପାଇ ଦୂରକୁ ଯାଇପାରନ୍ତି ।

ମକର

ସ୍ୱାସ୍ଥ୍ୟହାନୀର ଯଥେଷ୍ଟ ଆଶଙ୍କା ଅଛି । କର୍ମକ୍ଷେତ୍ରରେ ଦୂରାନ୍ତରକୁ ସ୍ଥାନାନ୍ତରିତ ହୋଇପାରନ୍ତି । ଆର୍ଥିକ ପରିସ୍ଥିତିରେ ଉନ୍ନତି ଦେଖାଯିବ । ମହିଳାମାନେ ସ୍ୱାମୀ ତଥା ପୁତ୍ର ଚିନ୍ତାରେ ଖୁବ୍ ଚିନ୍ତିତ ହୋଇପାରନ୍ତି । ବିଦ୍ୟାର୍ଥୀମାନେ ଅଯଥା ଅଶାନ୍ତି କଷ୍ଟ ପାଇବେ ।

କୁମ୍ଭ

କର୍ମ କ୍ଷେତ୍ରରେ ବିଶେଷ ଭାବରେ ଚିନ୍ତିତ ହେବେ । ଅଯଥା ଅପମାନ ତଥା ଆର୍ଥିକ କ୍ଷତି ଅସହ୍ୟ ହୋଇପାରେ । ଦୂରାନ୍ତର ସ୍ଥାନାନ୍ତରିତର ହେବାର ଆଶଙ୍କା ରହିଛି । ଛାତ୍ରଛାତ୍ରୀମାନେ ହତାଶ ଭାବ ଅନୁଭବ କରିପାରନ୍ତି । ଗୁରୁଜନଙ୍କ ପ୍ରତି ବିଶ୍ୱାସ ଓ ଶ୍ରଦ୍ଧା ରଖିବା ଆବଶ୍ୟକ ।

ମୀନ

ଆର୍ଥିକ ଲାଭର ସୂଚନା, ବନ୍ଧୁ ସହଯୋଗ ପାଇପାରିବେ । କର୍ମକ୍ଷେତ୍ରରେ ଅଯଥା ବ୍ୟକ୍ତିଙ୍କୁ ଦୂରେଇ ଦେବା ଆବଶ୍ୟକ । ମହିଳାମାନେ ଉପକୃତ ହେବାର ଆଶା ଅଛି । ଛାତ୍ରଛାତ୍ରୀମାନେ ଉପକୃତ ହେବା ଅନୁମେୟ । ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ସଫଳ ହେବେ ।